## ସଂକ୍ଷେପରେ

### ୩ ପଦକ ଜିତିଲେ ପ୍ରତ୍ୟୁଷ

**ଢେଙ୍କାନାଳ, ୨।୭(ରତନ ନାୟାର):** ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍‌ଠାରେ ଜୁନ୍ ୨୮ରୁ ୩୦ ତାରିଖ ଯାଏ ଆୟୋଜିତ ଅଲ୍ ଓଡ଼ିଶା ଇଣ୍ଟର କ୍ଲବ ଭାରୋତ୍ତୋଳନ ପ୍ରତିଯୋଗିତାରେ ଢେଙ୍କାନାଳର ପ୍ରତ୍ୟୁଷ ପରିଡ଼ା ଚମକିଛନ୍ତି।



୮୯ କେ.ଜି. ଯୁବବର୍ଗରେ ସେ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି। ଏଥିସହ ଜୁନିୟର ଓ ସିନିୟର ବିଭାଗରେ ରୌପ୍ୟ ପଦକ ଜିତିଛନ୍ତି। ଏହି ସଫଳତା ତାଙ୍କୁ ଜାତୀୟସ୍ତରୀୟ ପ୍ରତିଯୋଗିତା ପାଇଁ ପ୍ରେରଣା ଯୋଗାଇବ ବୋଲି ପ୍ରତ୍ୟୁଷ ନିଜ ପ୍ରତିକ୍ରିୟାରେ କହିଛନ୍ତି। ସୂଚନାଯୋଗ୍ୟ, ପ୍ରତ୍ୟୁଷ ଢେଙ୍କାନାଳ କଲେଜ ରୋଡ୍ ନିବାସୀ ଦୀପାଞ୍ଜଳି ବେହେରା ଓ କାର୍ତ୍ତିକେଶ୍ୱର ପରିଡ଼ାଙ୍କ କନିଷ୍ଠ ପୁତ୍ର। ସେ ସଦର ବ୍ଲକ ବଣସିଂହ କଲେଜରେ ଯୁକ୍ତ ୨ ବିଜ୍ଞାନ ବିଭାଗରେ ଅଧ୍ୟୟନ କରୁଛନ୍ତି। ଏବେ ସେ ଭୁବନେଶ୍ୱରସ୍ଥିତ ହାଇ ପରଫର୍ମାନ୍ସ ସେଣ୍ଟର (ଏଚ୍‌ପିସି)ରେ ପ୍ରଶିକ୍ଷଣ ନେଉଛନ୍ତି। ଏଥିପୂର୍ବରୁ ରାଜ୍ୟ ବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତାରେ ୮୯ କେଜି ବର୍ଗରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ।

# ଜୁନ୍‌ରେ ସ୍ୱାଭାବିକଠାରୁ ଅଧିକ ବର୍ଷା

- ଜିଲାରେ ୨୫୨.୬୮ ମି.ମି ବର୍ଷିଛି
- ୨୪,୪୭୫ ହେକ୍ଟରରେ ଧାନବୁଣା



**ଢେଙ୍କାନାଳ, ୨।୭(ରତନ ନାୟାର)**

ମୌସୁମୀ ବାୟୁ ପ୍ରବାହରେ ଢେଙ୍କାନାଳ ଜିଲାରେ ଜୁନ୍‌ରେ ଭଲ ବର୍ଷା ହୋଇଛି। ଚାଷ ପାଇଁ ପାଗ ଅନୁକୂଳ ଥିବାରୁ ଧାନ ବୁଣା ଜୋର୍ ଧରିଛି। ହାତୀ ଉପଦ୍ରବ ରୋକାଯାଇପାରିଲେ ଭଲ ଧାନ ଉତ୍ପାଦନ ହେବ ବୋଲି ଚାଷୀମାନେ ଆଶାବ୍ୟକ୍ତ କରିଛନ୍ତି।

ସାଧାରଣତଃ ଜିଲାରେ ସ୍ୱାଭାବିକ ବର୍ଷାର ପରିମାଣ ଜୁନ୍‌ରେ ୨୨୫.୭ ମିଲିମିଟର। ଗତ ୩୦ ତାରିଖ ସୁଦ୍ଧା ୨୫୨.୬୮ ମିଲିମିଟର ବର୍ଷା ହୋଇଛି। ସଦର ବ୍ଲକରେ ୩୮୫.୬ ମି.ମି., ଗଁଦିଆ ବ୍ଲକରେ ୧୬୩.୨ ମି.ମି., ଓଡ଼ାପଡ଼ା ବ୍ଲକରେ ୧୮୪.୫ ମି.ମି., ହିନ୍ଦୋଳ ବ୍ଲକରେ ୨୮୧.୨ ମି.ମି., କାମାକ୍ଷାନଗର ବ୍ଲକରେ ୨୨୫ ମି.ମି., ଭୁବନ ବ୍ଲକରେ ୧୯୮ ମି.ମି., ପରଜଙ୍ଗ ବ୍ଲକରେ ୨୨୨ ମି.ମି. ଏବଂ କଙ୍କଡ଼ାହାଡ଼ ବ୍ଲକରେ ୩୬୧.୮ ମି.ମି. ବର୍ଷା ରେକର୍ଡ କରାଯାଇଥିବା କୃଷି ବିଭାଗ ସୂତ୍ରରୁ ଜଣାପଡ଼ିଛି। ସଦର ଏବଂ କଙ୍କଡ଼ାହାଡ଼ ବ୍ଲକରେ ଅଧିକ ବର୍ଷିଛି।

ଜିଲାରେ ଚଳିତ ଖରିଫ୍ ଋତୁରେ ମୋଟ ୯୩ ହଜାର ହେକ୍ଟର ଚାଷ ଜମିରେ ଧାନ ଚାଷ କରାଯିବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଅଦ୍ୟାବଧି ୨୪,୪୭୫ ହେକ୍ଟର ଜମିରେ ଧାନବୁଣା କାର୍ଯ୍ୟ ଚାଲିଛି। ସେହିପରି ଉର୍ବରତା ବୃଦ୍ଧି ଲାଗି କିଛି ଜମିରେ ସବୁଜ ସାର ଧନିଚା ବୁଣା ଶେଷ ହୋଇଛି। ଗତବର୍ଷ ଅପେକ୍ଷା ଚଳିତବର୍ଷ ଜୁନ୍ ସୁଦ୍ଧା ଭଲ ବର୍ଷା ହୋଇଛି। ଆଗକୁ ମଧ୍ୟ ଭଲ ବର୍ଷା ହେବା ସମ୍ଭାବନା ରହିଛି। ଭୟ କେବଳ ହାତୀ ଉପଦ୍ରବକୁ। ବନ ବିଭାଗ ହାତୀଙ୍କୁ ନିୟନ୍ତ୍ରଣ କରିପାରିଲେ ଭଲ ଧାନ ଅମଳ ହେବ ବୋଲି ଚାଷୀମାନେ କହିଛନ୍ତି।

ଏ ସଂକ୍ରାନ୍ତରେ ଜିଲା ମୁଖ୍ୟ କୃଷି ଅଧିକାରୀ ଜ୍ୟୋତିଦୀପ୍ତ ପଟ୍ଟନାୟକ କହିଛନ୍ତି, ଜୁନ୍‌ରେ ଆବଶ୍ୟକ ପରିମାଣଠାରୁ ଅଧିକ ବର୍ଷା ହୋଇଛି। ଆଗକୁ ମଧ୍ୟ ଭଲ ବର୍ଷା ହେବ ବୋଲି ଆଞ୍ଚଳିକ ପାଣିପାଗ ବିଭାଗ ଅନୁମାନ କରିଛି। ଅଦ୍ୟାବଧି ୨୪,୪୭୫ ହେକ୍ଟର ଜମିରେ ଧାନବୁଣା ଯାଇଛି ଓ ତଳି ପଡ଼ିଛି। ପ୍ରାଥମିକ କୃଷି ସମବାୟ ସଂସ୍ଥା ଦ୍ୱାରା ପ୍ରାମାଣିକ ବିହନ ଓ ସାର ଗଚ୍ଛିତ ରହିଛି। ଚାଷୀଙ୍କୁ ଆଇଡି ମାଧ୍ୟମରେ ରିହାତି ଦରରେ ସାର ଯୋଗାଇ ଦିଆଯାଉଛି।



ମହାପ୍ରଭୁ ଜଗନ୍ନାଥଙ୍କଠାରେ ରସଗୋଲା ଭୋଗଲାଗି।

# ରସଗୋଲା ଦିବସ ପାଳିତ

**ଢେଙ୍କାନାଳ, ୨।୭(ରତନ ନାୟାର)**

ଢେଙ୍କାନାଳସ୍ଥିତ ଶ୍ରୀ ସିଦ୍ଧ ବଳରାମ ମନ୍ଦିର ପରିସରରେ ଥିବା ଶ୍ରୀ ଜଗନ୍ନାଥଙ୍କ ମନ୍ଦିରରେ ଶ୍ରୀଜଗନ୍ନାଥ ସେବା ପରିଷଦ ପକ୍ଷରୁ ଶନିବାର ସନ୍ଧ୍ୟାରେ ରସଗୋଲା ଦିବସ ପାଳିତ ହୋଇଯାଇଛି। ସନ୍ଧ୍ୟା ଆଳତି ପରେ ଶ୍ରୀଜୀଉଙ୍କ ନିକଟରେ ରସଗୋଲା ଭୋଗ ଲାଗି କରାଯାଇଥିଲା।

ପରିଷଦ ସଭାପତି ପ୍ରଦ୍ୟୁମ୍ନ ରଥଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉପଦେଷ୍ଟା ଯୁବରାଜ ଅମରଜ୍ୟୋତି ସିଂଦେଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ, ଓଡ଼ିଶାରେ ରସଗୋଲା ଭୋଗ ବହୁ ପ୍ରାଚୀନ। ନୀଳାଦ୍ରି ବିଜେ ସମୟରେ ଲକ୍ଷ୍ମୀ-ନାରାୟଣଙ୍କ କଳି ନୀତି ଅନୁଷ୍ଠିତ ହୋଇଥାଏ। ଏହି ସମୟରେ ମହାପ୍ରଭୁ ମା' ଲକ୍ଷ୍ମୀଙ୍କୁ ରସଗୋଲା ଖୁଆଇ ମାନଭଞ୍ଜନ କରିଥାନ୍ତି। ମହାପ୍ରଭୁଙ୍କଠାରେ ଅର୍ପଣ ପରେ ଉପସ୍ଥିତ ଶ୍ରଦ୍ଧାଳୁଙ୍କୁ ରସଗୋଲା ବିତରଣ କରାଯାଇଥିଲା। ପରିଷଦର ସମ୍ପାଦକ ଅଶୋକ ନନ୍ଦ, ସଭ୍ୟ କୃଷ୍ଣଚନ୍ଦ୍ର ଦେବତା, ପ୍ରଶାନ୍ତ ସାମଲ, ବିଜୟ ପାଇକରାୟ, ମନୋରଞ୍ଜନ ମିଶ୍ର, ସୁନୀଲ ଦାଶ, ଆଲୋକ ରଥ, ଜିମାଦାର ଶ୍ୟାମସୁନ୍ଦର ପାଣିଗ୍ରାହୀ, ପୂଜକ ଶ୍ରୀବତ୍ସ ମିଶ୍ର, ସେବକ ଟିକନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# 'ଯୋଗଶିକ୍ଷାକୁ ଲୋକାଭିମୁଖୀ କର'

**ଢେଙ୍କାନାଳ, ୨।୭(ରତନ ନାୟାର)**

ଢେଙ୍କାନାଳ ସହରସ୍ଥିତ ଦଧିବାମନଜୀଉ ମଠ ପରିସରରେ ଆରୋଗ୍ୟମ୍ ଯୋଗ ଏବଂ ୱେଲ୍‌ଫେୟାର୍ ଆସୋସିଏଶନ୍‌ର ବାର୍ଷିକ ସଭା ରବିବାର ଅନୁଷ୍ଠିତ ହୋଇଯାଇଛି। ଉପସଭାନେତ୍ରୀ ତୃପ୍ତିମୟୀ ଦେବୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆସୋସିଏଶନ୍ ନିର୍ଦ୍ଦେଶିକା ଅନସୂୟା ମିଶ୍ର, କୋଷାଧ୍ୟକ୍ଷ ତୟୁବ୍ ଅନ୍‌ସାରୀ, ଆଇନ ଉପଦେଷ୍ଟା ବସନ୍ତ ରଥ, ଯୋଗ ପ୍ରଶିକ୍ଷିକା ମନସ୍ୱିନୀ ମିଶ୍ର, କାର୍ଯ୍ୟନିର୍ବାହୀ ସଦସ୍ୟା ନିବେଦିତା ସାହୁ, ମମତା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଯୋଗଶିକ୍ଷାକୁ ଲୋକାଭିମୁଖୀ କରି କିଭଳି ସହରଠାରୁ ଆରମ୍ଭ କରି ଗ୍ରାମାଞ୍ଚଳରେ ପହଞ୍ଚାଯାଇପାରିବ, ସେ ନେଇ ଆଲୋଚନା ହୋଇଥିଲା। ସମ୍ପାଦକ ପ୍ରଭାସ ଚନ୍ଦ୍ର ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ।



କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଦସ୍ୟବୃନ୍ଦ।

# 'ଲୋକଙ୍କ ପାଖରେ ପହଞ୍ଚାଅ ବିକାଶ ବାର୍ତ୍ତା'



କାର୍ଯ୍ୟକ୍ରମରେ ବିଜେଡି ନେତୃବୃନ୍ଦ।

**ପରଜଙ୍ଗ, ୨।୭ (ନିଗମାନନ୍ଦ ଦଳବେହେରା)**

ଢେଙ୍କାନାଳ ଜିଲା ପରଜଙ୍ଗ ନିର୍ବାଚନମଣ୍ଡଳୀ ବିଜେଡିର କର୍ମୀ ସମ୍ମିଳନୀ ସ୍ଥାନୀୟ ପାଣି ପଞ୍ଚାୟତ ସଭାଗୃହରେ ରବିବାର ଅନୁଷ୍ଠିତ ହୋଇଯାଇଛି। ବିଧାୟକ ଡା. ନୃସିଂହ ଚରଣ ସାହୁ, ପର୍ଯ୍ୟବେକ୍ଷକ ଆଶିଷ ଚକ୍ରବର୍ତ୍ତୀ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶ ବାର୍ତ୍ତା ଲୋକଙ୍କ ନିକଟରେ ପହଞ୍ଚାଇବାକୁ ଆହ୍ୱାନ ଦେଇଥିଲେ। ୨୦୨୪ ସାଧାରଣ ନିର୍ବାଚନ ପାଖେଇ ଆସୁଥିବାରୁ ଏଥିଲାଗି ପ୍ରସ୍ତୁତି ଆରମ୍ଭ କରିବା, ତୃଣମୂଳସ୍ତରରେ ସଙ୍ଗଠନ ସଜାଡ଼ିବାକୁ କର୍ମୀଙ୍କୁ ପରାମର୍ଶ ଦିଆଯାଇଛି।

ଜିଲା ପରିଷଦ ଉପସଭାନେତ୍ରୀ ବିଳାସିନୀ ସେଠୀ, ଜିଲା ପରିଷଦ ସଭ୍ୟ ରୁନୁ ବର୍ମା, ନିରାକାର ପ୍ରଧାନ, ଯୁବନେତା ଅସିତ୍ ରାୟଚୌଧୁରୀ, ଆମ୍ବା ଅଧ୍ୟକ୍ଷ ଅକ୍ଷୟ କୁମାର ବେହେରା, ବ୍ଲକ ବିଜେଡି ସଭାପତି କୃଷ୍ଣଚନ୍ଦ୍ର ମହାନ୍ତି, ବ୍ଲକ ଯୁବ ବିଜେଡି ସଭାପତି ସୁବ୍ରତ ଦାସ, ବ୍ଲକ ଛାତ୍ର ବିଜେଡି ସଭାପତି ପ୍ରିୟଜିତ୍ ସାମଲଙ୍କ ସମେତ ନିର୍ବାଚନମଣ୍ଡଳୀର ଆଗଧାଡ଼ିର ନେତା ଓ କର୍ମୀ ଉପସ୍ଥିତ ଥିଲେ।

# ୧୧ରେ ବଡ଼ସୁଆଁଳ ହାଇସ୍କୁଲ ସୁବର୍ଣ୍ଣ ଜୟନ୍ତୀ

**କାମାକ୍ଷାନଗର, ୨।୭(ସୁଧୀର ପରିଡ଼ା)**

କାମାକ୍ଷାନଗର ବ୍ଲକ ବଡସୁଆଁଳ ହାଇସ୍କୁଲର ସୁବର୍ଣ୍ଣ ଜୟନ୍ତୀ ଆସନ୍ତା ୧୧ ତାରିଖରେ ପାଳନ କରାଯିବ। ପୁରାତନ ଛାତ୍ରସଂସଦ ପରାମର୍ଶଦାତା ଶେଷରଞ୍ଜନ ଦାସଙ୍କ ଅଧ୍ୟକ୍ଷତାରେ ଏ ସଂକ୍ରାନ୍ତ ଏକ ପ୍ରସ୍ତୁତି ବୈଠକ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ନୃସିଂହ ଚରଣ ମଲ୍ଲିକ, ବିଦ୍ୟାଳୟ କମିଟି ଅଧ୍ୟକ୍ଷ ବିମଳ ପଣ୍ଡା, ପୁରାତନ ଛାତ୍ର ସଂସଦ ଉପଦେଷ୍ଟା ରଶ୍ମିରଞ୍ଜନ ଖୁଣ୍ଟିଆ, ରବିନାରାୟଣ ବିଶ୍ୱାଳ, ଉଗ୍ରସେନ ସାହୁ, ବରୁଣ ପାଳ, ସଞ୍ଜୀବ ସେନାପତି, ଦାଶରଥି ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତା ୧୧ ତାରିଖରେ ସ୍କୁଲର ୫୦ତମ ପ୍ରତିଷ୍ଠା ଦିବସ ଉପଲକ୍ଷେ ନିରାଡମ୍ବର ଭାବେ ସୁବର୍ଣ୍ଣ ଜୟନ୍ତୀ ପାଳିତ ହେବ। ଉଭୟ ପୁରାତନ ଏବଂ ଏବେକାର ଛାତ୍ରୀଛାତ୍ରମାନେ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିବାକୁ ଆହ୍ୱାନ ଦିଆଯାଇଛି। ସେହିପରି ଜୁନ୍ ୩୦ରୁ ରାତ୍ର ଜଗୁଆଳି ପଦବୀ ଖାଲିପଡ଼ିଛି। ଏହି ପଦବୀ ପୂରଣ ନ ହେବା ପର୍ଯ୍ୟନ୍ତ ହେମନ୍ତ ପାଳଙ୍କୁ ଅସ୍ଥାୟୀ ଭାବରେ ରାତ୍ର ଜଗୁଆଳି ଭାବେ ନିଯୁକ୍ତି ଦିଆଯାଇଛି।




ବୈଠକରେ ଉପସ୍ଥିତ କର୍ମକର୍ତ୍ତାମାନେ।

# ଜୁଆଙ୍ଗ ସାହିରେ ଅଗ୍ନିକାଣ୍ଡ

**କାମାକ୍ଷାନଗର, ୨।୭(ସୁଧୀର ପରିଡ଼ା)**

ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ଖଟଖୁରା ଜୁଆଙ୍ଗ ସାହିରେ ରବିବାର ଅପରାହ୍ନ ୫ଟାରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ ବିଜୁ ପଧାନ, ଅଜୁ ପଧାନଙ୍କ ୨ ବଖରା ଲେଖାଏ ଘର ଜଳିଯାଇଛି। ତେବେ କେମିତି ଏହି ଅଗ୍ନିକାଣ୍ଡ ଘଟିଲା, ତାହାର କାରଣ ଅସ୍ପଷ୍ଟ ରହିଛି। ବ୍ଲକ ଅଧ୍ୟକ୍ଷ ପ୍ରେମାନନ୍ଦ ସାହୁଙ୍କଠାରୁ ସୂଚନା ପାଇ କାମାକ୍ଷାନଗର ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଅଗ୍ନିକାଣ୍ଡରେ ସମ୍ପୃକ୍ତ ପରିବାରର ସମସ୍ତ ଆସବାବପତ୍ର ନଷ୍ଟ ହୋଇଯାଇଛି। ଜନଜାତି ସମ୍ପ୍ରଦାୟର ଉକ୍ତ ୨ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହୋଇଛି।



ଅଗ୍ନିକାଣ୍ଡରେ ଜଳି ଯାଇଥିବା ଘର।

# ୨୪ରୁ ସାମୂହିକ ଛୁଟିରେ ଯିବେ ଶିକ୍ଷକ



ବୈଠକରେ ପ୍ରାଥମିକ ଶିକ୍ଷକ ସଂଘର ସଦସ୍ୟମାନେ।

**ଢେଙ୍କାନାଳ, ୨।୭(ରତନ ନାୟାର)**

ଅଲ୍ ଓଡିଶା ପ୍ରାଥମିକ ଶିକ୍ଷକ ସଂଘ ତରଫରୁ ସ୍ଥାନୀୟ ଶ୍ରୀ ସିଦ୍ଧ ବଳରାମ ମନ୍ଦିର ପ୍ରାଙ୍ଗଣରେ ଢେଙ୍କାନାଳ ଜିଲାସ୍ତରୀୟ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଜିଲାର ୮ଟି ବ୍ଲକ୍‌ର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

ନ୍ୟାଯ୍ୟଦାବି ହାସଲ ପାଇଁ ଭୁବନେଶ୍ୱରରେ ରାଜ୍ୟସ୍ତରୀୟ ରାଲିର ଆୟୋଜନ କରାଯାଉଛି। ସଭାପତି ନିରାକାର ବେହେରାଙ୍କ ଆହ୍ୱାନକ୍ରମେ ଜୁଲାଇ ୨୪ରୁ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ସାମୂହିକ ଛୁଟିରେ ଯିବେ ବୋଲି ନିଷ୍ପତ୍ତି ହୋଇଛି। ଗ୍ରେଡ୍ ପେ' ୨୦୦୦ ଏବଂ ୬ ବର୍ଷର କାର୍ଯ୍ୟକାଳକୁ ମୂଳଚାକିରିରେ ମିଶ୍ରଣ ଦାବି ଉପସ୍ଥାପନ କରାଯାଇଥିଲା। ମହାସଚିବ ବୈରାଗୀ ଚରଣ ସେଠୀ, କାର୍ଯ୍ୟକାରୀ ସଭାପତି ପ୍ରଶାନ୍ତ ନାଥ, ଛାୟା ପ୍ରକାଶ ବେହେରା, ସନ୍ଦୀପ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ରାଜେନ୍ଦ୍ର ପୃଷ୍ଟି ଧନ୍ୟବାଦ ଦେଇଥିଲେ।

# ଅନ୍ତେବାସୀଙ୍କୁ ବର୍ଷେ ଖାଦ୍ୟ ଯୋଗାଇବ ରୋଟାରି କ୍ଲବ

**ଅନୁଗୋଳ, ୨।୭(ଅମିତ ସାମଲ)**

ଅନୁଗୋଳ ରୋଟାରି କ୍ଲବ ତରଫରୁ ଜାତୀୟ ଡାକ୍ତର ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ତ୍ରିଲୋଚନ ପ୍ରଧାନ, ଡା. ରମେଶ ଚନ୍ଦ୍ର ଦାଶ, ଡା. ସୁରେଶ ଚନ୍ଦ୍ର ଦାସ, ଡା. ଦୀପକ ପଟ୍ଟନାୟକ, ରକ୍ତ ଭଣ୍ଡାରର ଡା. ବିଶ୍ୱଜିତ୍ ସାମଲଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଗୋପୀନାଥପୁରସ୍ଥିତ କେଦାରଗୌରୀ ଦୃଷ୍ଟିହୀନ ବୃତ୍ତିମୂଳକ ତାଲିମକେନ୍ଦ୍ରର ଅନ୍ତେବାସୀଙ୍କୁ ରୋଷେଇ ସାମଗ୍ରୀ, ତାଲିମ ଉପକରଣ କ୍ରୟ ନିମନ୍ତେ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଅନ୍ତେବାସୀଙ୍କୁ ବର୍ଷକର ଖାଦ୍ୟ ସାମଗ୍ରୀ ଯୋଗାଇଦେବାକୁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ହୋଇଛି। କାର୍ଯ୍ୟକ୍ରମରେ କ୍ଲବ ସଭାପତି ଡାକ୍ତର ଧରଣୀଧର ନାଥ, ସମ୍ପାଦକ ଉଲ୍ଲାସ ଚନ୍ଦ୍ର ଚମ୍ପତିରାୟ, ରୋଟାରିଆନ ନିର୍ମଳ ମିଶ୍ର, ନିଖିଳ ରଞ୍ଜନ ମିଶ୍ର, କିଶୋର ଦେହୁରୀ, ସୁଜିତ୍ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଗଛର ଯତ୍ନ ନେବାକୁ ପରାମର୍ଶ

**ଢେଙ୍କାନାଳ, ୨।୭(ରତନ ନାୟାର)**

ଢେଙ୍କାନାଳ ପୌରାଞ୍ଚଳ ମହିଷାପାଟସ୍ଥିତ ଆଦର୍ଶ ବିଦ୍ୟାଳୟ ପରିସରରେ ଗୁରୁଦେବ ଫାଉଣ୍ଡେଶନ ପକ୍ଷରୁ ଶନିବାର ବନମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲା ବନଖଣ୍ଡ ଅଧିକାରୀ ସୁମିତ କୁମାର କର ଯୋଗଦେଇ ଚାରାରୋପଣ କରିବା ସହ ଏହାର ଯତ୍ନ ନେବାଲାଗି ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଫାଉଣ୍ଡେଶନର ପ୍ରତିଷ୍ଠାତା ସୌମ୍ୟବ୍ରତ ସାହୁ କହିଲେ, ଗଛ ବଞ୍ଚିଲେ ଆମେ ବଞ୍ଚିବା। ଗ୍ରୀନ୍ ସ୍ୱେତର କ୍ଲବ ସଂଯୋଜକ ସୌଭାଗ୍ୟ ବରାଳ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ମହାଦେବ ବାହିନୀ ଆବାହକ ଯୁଧିଷ୍ଠିର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ବରିଷ୍ଠ ସଦସ୍ୟ ଶୁଭ ପ୍ରସାଦ ପଣ୍ଡା, ସତ୍ୟଜିତ୍ ଦଳେଇ, ରାକେଶ କର, ରାହୁଲ ନାଏକ ପ୍ରମୁଖ ସହଯୋଗ କରିଥିଲେ। ୧୧ ତାରିଖ ଧରି ହେବାକୁ ଥିବା ଏହି କାର୍ଯ୍ୟକ୍ରମ ଆନୁକୂଲ୍ୟରେ ଜିଲାର ସମସ୍ତ ବ୍ଲକରେ ୬୦୦ରୁ ଊର୍ଦ୍ଧ୍ୱ ଚାରାରୋପଣ କରାଯିବ ବୋଲି ଫାଉଣ୍ଡେସନ ପକ୍ଷରୁ ସୂଚନା ଦିଆଯାଇଛି।




ବନ ମହୋତ୍ସବ କାର୍ଯ୍ୟକ୍ରମରେ ଫାଉଣ୍ଡେଶନର ସଦସ୍ୟମାନେ।

# ଚାଷୀଙ୍କୁ ଦିଶା ଦେଖାଇବେ ଲକ୍ଷ୍ମୀଧର

## କୃଷି ସମସ୍ୟା ସମାଧାନ କରିବ 'କଲ୍ଟଇଜି'

**ପରଜଙ୍ଗ, ୨।୭(ନିଗମାନନ୍ଦ ଦଳବେହେରା)**

କୃଷିକ୍ଷେତ୍ର ବଦଳୁଛି। ଉତ୍ପାଦନ ବୃଦ୍ଧି ପାଇଁ ଅତ୍ୟାଧୁନିକ କୃଷି ଯନ୍ତ୍ରପାତି, ଜ୍ଞାନ କୌଶଳର ପ୍ରୟୋଗ କରାଯାଉଛି। କମ୍ ସମୟରେ ଫସଲ ଅମଳ ଲାଗି ଉନ୍ନତମାନର ବିହନ, କୀଟନାଶକ, ସାର ବ୍ୟବହାର ହେଉଛି। ହେଲେ ଏବେ ବି ଗ୍ରାମାଞ୍ଚଳର ଅଧିକାଂଶ ଚାଷୀ ଏ ବିଷୟରେ ଅନଭିଜ୍ଞ। ସବୁ ଚାଷୀଙ୍କ ପକ୍ଷେ କୃଷି ଯନ୍ତ୍ରପାତି କିଣିବା କିମ୍ବା ଭଡ଼ାସୂତ୍ରରେ ନେବା ସମ୍ଭବ ହୋଇପାରୁନାହିଁ। ତେଣୁ ଚାଷରୁ ମୁହଁ ଫେରାଉଛନ୍ତି କ୍ଷୁଦ୍ର ଚାଷୀ। ଏଭଳି ସମୟରେ ସାରା ଦେଶର ଚାଷୀଙ୍କୁ କୃଷି, ଉଦ୍ୟାନ କୃଷି, ପ୍ରାଣୀପାଳନ କ୍ଷେତ୍ରରେ ବୃତ୍ତିଗତ ସେବା ଯୋଗାଇଦେବାକୁ ଅଣ୍ଟା ଭିଡ଼ିଛନ୍ତି ଢେଙ୍କାନାଳ ଜିଲା ସାଆନ୍ଦା ପଞ୍ଚାୟତର ଯୁବ ଇଞ୍ଜିନିୟର ଲକ୍ଷ୍ମୀଧର ପାଣି। ଏଥିଲାଗି ସେ ଆରମ୍ଭ କରିଛନ୍ତି ଷ୍ଟାର୍ଟଅପ୍ ସଂସ୍ଥା 'କଲ୍ଟଇଜି'। ଭୁବନେଶ୍ୱରସ୍ଥିତ ଜିଜିପି କଲୋନୀରେ ସଂସ୍ଥାର ପ୍ରଥମ ଆଡମିନଷ୍ଟ୍ରେଟିଭ ଅଫିସ ଗତ ବୁଧବାର ଉଦ୍‌ଘାଟିତ ହୋଇଛି।




ଭୁବନେଶ୍ୱର ଜିଜିପି କଲୋନୀରେ ଆଡମିନଷ୍ଟ୍ରେଟିଭ ଅଫିସ ଉଦ୍‌ଘାଟନ ଅବସରରେ ଲକ୍ଷ୍ମୀଧରଙ୍କ ସମେତ ଅନ୍ୟମାନେ।

ନିଜର ଷ୍ଟାର୍ଟଅପ୍ ସମ୍ପର୍କରେ ଲକ୍ଷ୍ମୀଧର କୁହନ୍ତି, ଏହା ହେଉଛି ଭାରତର ପ୍ରଥମ କୃଷିଭିତ୍ତିକ ବୃତ୍ତିଗତ ସଂସ୍ଥା। ୱେବ୍‌ସାଇଟ୍, ଆଣ୍ଡ୍ରଏଡ୍ ଆପ୍ଲିକେଶନ, ପଞ୍ଚାୟତସ୍ତରରେ 'କଲ୍ଟ ଇଜି ଆଗ୍ରୋ ସର୍ଭିସ୍ ସେଣ୍ଟର' ମାଧ୍ୟମରେ ସମସ୍ତ କୃଷିଭିତ୍ତିକ ସେବା ଯୋଗାଇ ଦିଆଯିବ। କେବଳ କୃଷି ନୁହେଁ, ଉଦ୍ୟାନକୃଷି, ପ୍ରାଣୀଧନ ଚିକିତ୍ସା ସେବା, ପ୍ରାଣୀ ପାଳନ, ବଗିଚା ପ୍ରଭୃତି, ମୃତ୍ତିକା ପରୀକ୍ଷା, କୀଟନାଶକ, ସାର ପ୍ରୟୋଗ ସମ୍ପର୍କରେ ବିଶେଷଜ୍ଞମାନେ ଚାଷୀଙ୍କ ମାର୍ଗଦର୍ଶନ କରିବେ। ଆବଶ୍ୟକ ବୈଷୟିକ ଓ ଯାନ୍ତ୍ରିକ ସହାୟତା ମଧ୍ୟ ଯୋଗାଇ ଦିଆଯିବ। ଏହାଦ୍ୱାରା ଓଡ଼ିଶାର ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳରେ କୃଷିକୁ ପ୍ରୋତ୍ସାହନ ମିଳିବ। ଅନେକ ଯୁବତୀ ଯୁବକ ରୋଜଗାରକ୍ଷମ ହୋଇପାରିବେ। ଏହି ପ୍ଲାଟ୍‌ଫର୍ମ ମାଧ୍ୟମରେ ଅନେକ କ୍ଷୁଦ୍ର ସଂସ୍ଥା ଉପକୃତ ହୋଇପାରିବେ ବୋଲି ଲକ୍ଷ୍ମୀଧର ସୂଚନା ଦେଇଛନ୍ତି।

ଲକ୍ଷ୍ମୀଧର ବୁର୍ଲା ଇଞ୍ଜିନିୟରିଂ କଲେଜରୁ ବି-ଟେକ୍ ପାସ୍ କରିଛନ୍ତି। ସେ ଲଣ୍ଡନର ବ୍ରିଟିଶ ଟେଲିକମ୍‌ରେ ଅଭିଜ୍ଞ ଯନ୍ତ୍ରୀ ରୂପେ କାର୍ଯ୍ୟରତ ଥିଲେ। ଭାରତ ଏବଂ ବିଦେଶରେ କାର୍ଯ୍ୟ କରିବାର ଅଭିଜ୍ଞତା ତାଙ୍କୁ ଏ ଦିଗରେ ସହାୟକ ହେବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି। ଏହି ଷ୍ଟାର୍ଟଅପ୍ ପଛରେ ମା', ବାପା, ସ୍ତ୍ରୀ ଏବଂ ଝିଅଙ୍କ ନୈତିକ ସମର୍ଥନ ରହିଥିବା ଲକ୍ଷ୍ମୀଧର କହିଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୩ ଜୁଲାଇ ୨୦୨୩



## ସଂକ୍ଷେପରେ

### ବିଡିଓଙ୍କ ନାମରେ ଶିକ୍ଷକଙ୍କୁ ଠକେଇ

ଅନୁଗୋଳ, ୨।୭(ଅମିତ ସାମଲ)- ଅନୁଗୋଳ ଜିଲା କଣିହାଁ ଥାନା ଅନ୍ତର୍ଗତ ପବିତ୍ରନଗର ଉଚ୍ଚ ବିଦ୍ୟାଳୟର ଗଣିତ ଶିକ୍ଷକ ଦେବାଶିଷ ହୋତା ସାଇବର ଠକେଇର ଶିକାର ହୋଇଛନ୍ତି। ଏ ନେଇ ସେ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ନଂ. ୧୩୮/୨୩ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଢେଙ୍କାନାଳ ନିବାସୀ ଦେବାଶିଷଙ୍କ ନିକଟକୁ ଗତ ଜୁନ୍ ୨୭ରେ ଏକ ଫୋନ୍ ଆସିଥିଲା। ସାଇବର ଠକ ଜଣକ ନିଜକୁ କଣିହାଁ ବିଡିଓ ବୋଲି ପରିଚୟ ଦେଇଥିଲେ। ଏଥିସହ ଏକ ଆକାଉଣ୍ଟ ନମ୍ବରକୁ ୨୦ ହଜାର ଟଙ୍କା ପଠାଇବାକୁ କହିଥିଲେ। ଏହାପରେ ସେ ଟଙ୍କା ପଠାଇଥିଲେ। ହେଲେ ପଚରାଉଚରା କରିବା ପରେ ସେ ଠକ ହାବୁଡ଼ରେ ପଡ଼ିଥିବା ଜାଣିପାରିଥିଲେ। ଅନୁରୂପ ଭାବେ କଣିହାଁ ବ୍ଲକରେ ଶିକ୍ଷକତା କରୁଥିବା ବାଲେଶ୍ୱର ଜିଲାର ଦୀପକ କୁମାର ମଲ୍ଲିକଙ୍କଠାରୁ ମଧ ସାଇବର ଠକମାନେ ୨୦ ହଜାର ଟଙ୍କା ଠକି ନେଇଥିବା ଅଭିଯୋଗ ହୋଇଛି। ପୋଲିସ ଏ ନେଇ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

# ଆଶ୍‌ପଣ୍ଡ ପାଉଁଶରେ ଡ୍ରେନ୍ ଜାମ୍

## ରାସ୍ତାରେ ପାଣି ସୁଅ, ପଥଚାରୀ ହନ୍ତସନ୍ତ

କଣିହାଁ, ୨।୭(ସଚ୍ଚିଦାନନ୍ଦ ପ୍ରଧାନ)

କଣିହାଁ ବ୍ଲକ ଏନ୍‌ଟିପିସି ପ୍ରକଳ୍ପର ଏକ ଆଶ୍ ପାଇପ୍ ଫାଟି ଯିବାରୁ ଗୁରୁବାର ପ୍ରାୟ ୩୦ ମିନିଟ୍ ଧରି ମାଡୁଆ ମନ୍ଦିର ନିକଟ ପୂର୍ତ୍ତ ବିଭାଗ ରାସ୍ତାରେ ଯାତାୟାତ ପ୍ରଭାବିତ ହୋଇଥିଲା। ପାଉଁଶ ପାଣିରେ ରାସ୍ତା ପାର୍ଶ୍ୱରେ ଥିବା ଡ୍ରେନ୍ ପୋତି ହୋଇଯାଇଛି। ଘଟଣାକୁ ୩ଦିନ ବିତିଯାଇଥିଲେ ମଧ ଡ୍ରେନ୍ ସଫେଇ କରାଯାଇନାହିଁ। ଫଳରେ ଆଶପଣ୍ଡ ପାଣି ରାସ୍ତା ଉପରେ ପ୍ରବାହିତ ହେଉଥିବାରୁ ରାସ୍ତା ଉପରେ ନିର୍ଭରଶୀଳ ଛେଣ୍ଡିପଦା ବ୍ଲକ, କଣିହାଁ ବ୍ଲକର କାକୁଡ଼ିଆ, ବଡ଼ଗୁଣ୍ଡୁରୀ, ଡେରଙ୍ଗ, କଣିହାଁ ପଞ୍ଚାୟତବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।



ପାଉଁଶ ପାଣି ପଶି ଡ୍ରେନ୍ ପୋତି ହୋଇଯାଇଛି।

ଅଞ୍ଚଳବାସୀଙ୍କ ଅଭିଯୋଗ ଅନୁଯାୟୀ, ଉକ୍ତ ବ୍ୟସ୍ତବହୁଳ ରାସ୍ତା ଉପରେ ଛେଣ୍ଡିପଦା, କଣିହାଁ ବ୍ଲକବାସୀ ନିର୍ଭର କରୁଛନ୍ତି। ରାସ୍ତାରେ ପାଉଁଶ ପାଣି ପ୍ରବାହିତ ହେଉଥିବାରୁ ରବିବାର ସାପ୍ତାହିକ ହାଟପାଳିକୁ ଆସିଥିବା ବହୁସଂଖ୍ୟାରେ ବ୍ୟବସାୟୀ, ଗ୍ରାହକ ସମସ୍ୟାରେ ପଡ଼ିଥିଲେ। ଏଭଳି ପାଣି ପ୍ରବାହିତ ହେଲେ ପିଚୁ ରାସ୍ତା ନଷ୍ଟ ହୋଇଥିବା ଆଶଙ୍କା ରହିଛି। ପାଉଁଶ ପରିଚାଳନା ନାମରେ କମ୍ପାନୀ କର୍ତ୍ତୃପକ୍ଷ ବିପୁଳ ଅର୍ଥ ବ୍ୟୟ କରୁଛନ୍ତି। ହେଲେ ମାଡୁଆ ମନ୍ଦିର ନିକଟରେ ପାଉଁଶ ପାଣି ପରିଚାଳନାରେ ଏଭଳି ତ୍ରୁଟି ଅସନ୍ତୋଷ ବଢ଼ାଉଛି। ତୁରନ୍ତ ଏହାର ପ୍ରତିକାର କରିବାକୁ ସାଧାରଣରେ ଦାବି ହେଉଛି। ଏ ନେଇ ଆଶପଣ୍ଡ ପାଉଁଶ ପରିଚାଳନା ଅଧିକାରୀ ଏ.କେ. ସାମଲଙ୍କୁ ଯୋଗାଯୋଗ କରିଥିଲେ ମଧ କୌଣସି ମତାମତ ମିଳିପାରିନାହିଁ।

# ରକ୍ତଦାନ କରିବାକୁ ଆହ୍ୱାନ





ରକ୍ତଦାନ ଶିବିରରେ କ୍ଲବ କର୍ମକର୍ତ୍ତାମାନେ।

ଅନୁଗୋଳ, ୨।୭(ଅମିତ ସାମଲ)

ଅନୁଗୋଳ ଗ୍ରାମ ବଲାସିଙ୍ଗା ବାଲିସାହିରେ ନେତାଜୀ ୟୁଥ୍ କ୍ଲବ ପକ୍ଷରୁ ରବିବାର ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। କ୍ଲବ ସଭାପତି ସରୋଜ ରାଉଳ, ଉପସଭାପତି ଶତ୍ରୁଘ୍ନ ରାଉଳ, ସମ୍ପାଦକ ବିଶ୍ୱଜିତ୍ ରାଉଳ, କୋଷାଧ୍ୟକ୍ଷ ଦୁଃଶାସନ ରାଉଳଙ୍କ ତତ୍ତ୍ୱାବଧାନରେ ଏହାର ଆୟୋଜନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ସରପଞ୍ଚ ମମତା ପ୍ରଧାନ, ସମିତିସଭ୍ୟ ସୁଶାନ୍ତ ସାହୁ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିବା ସହ ନିୟମିତ ରକ୍ତଦାନ କରିବାକୁ ଆହ୍ୱାନ ଦେଇଥିଲେ। ଅନୁଗୋଳ ଜିଲା ରକ୍ତଭଣ୍ଡାରର କର୍ମଚାରୀ ରକ୍ତ ସଂଗ୍ରହ କରିଥିଲେ। ସଦସ୍ୟ ପ୍ରକାଶ, ସିଲୁ, ସୁବଳ, ଶିବାନନ୍ଦ, ଗୋବିନ୍ଦା, ଶ୍ରୀକାନ୍ତ, ରଞ୍ଜନ, ଗଗନ, ବାପି, ଡବୁଲୁ, କୁନା, କାର୍ତ୍ତିକ ପ୍ରମୁଖ ସହଯୋଗ କରିଥିଲେ।

### ପାଇପ୍ ଲାଇନ୍ ଚୋରି ଉଦ୍ୟମ: ୪ ଗିରଫ

ଅନୁଗୋଳ, ୨।୭(ଅମିତ ସାମଲ)- ଅନୁଗୋଳ ଜିଲା ଗୋପାଳପ୍ରସାଦ ଥାନା ଅନ୍ତର୍ଗତ ନରହରଧରିପୁର ଜଙ୍ଗଲ ଦେଇ ଯାଇଥିବା ଏକ ଶିଳ୍ପ ସଂସ୍ଥାର ପାଇପ୍ ଲାଇନ୍ କାଟି ଚୋରି ଉଦ୍ୟମ କରୁଥିବା ବେଳେ ପୋଲିସ ୪ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ନିଶା ଥାନା ଅନ୍ତର୍ଗତ କାଳିଆକଟା ଗ୍ରାମର ଦିବାକର ଭୋଇ (୨୭), ଭୁବନପୁର ଗ୍ରାମର ଆକାଶ କୁମାର ନାଥ (୨୩), ଗୋପାଳପ୍ରସାଦ ଥାନା ଅଧୀନ ଚିଉଲପୁର ଗ୍ରାମର ସନ୍ତୋଷ ନାଏକ (୩୮) ଏବଂ ଅନୁଗୋଳ ଥାନା ହାତୀଶାଳପଡ଼ାର ମହମ୍ମଦ ନାସିର (୩୨)। ଗୋପାଳପ୍ରସାଦ ପୋଲିସ ପାଟ୍ରୋଲିଂ କରୁଥିବା ବେଳେ କେତେଜଣ ଯୁବକ ପାଇପ ଲାଇନ୍ କାଟି ଚୋରି କରୁଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଥିଲା। ଘଟଣାସ୍ଥଳରୁ ୧୦ଟି ପାଇପ୍, ଏକ କାର (ନଂ. ଓଆର ୧୯ ଏଲ୍ ୨୧୮୩) ଜବତ କରିଛି। ଏଏସ୍ଆଇ ନେପାଳ ପଟାଙ୍କ ଲିଖିତ ଅଭିଯୋଗକ୍ରମେ ପୋଲିସ ନଂ. ୧୬୨/୨୩ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି।

### ସିକିଲସେଲ୍ ସମ୍ପର୍କରେ ସଚେତନତା

ଛେଣ୍ଡିପଦା, ୨।୭(ସ୍ୱ.ପ୍ର)-ଛେଣ୍ଡିପଦା ବ୍ଲକ କୋଶଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଭାଗୃହରେ ସିକିଲସେଲ୍ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ବ୍ଲକ ଅଧକ୍ଷା ସୁମିତ୍ରା ସାହୁ, ଜିଲା ପରିଷଦ ସଭ୍ୟ ପ୍ରଦୀପ ସାହୁ, ସରପଞ୍ଚ ଉଦିତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଦୁରାରୋଗ୍ୟ ବ୍ୟାଧି ସିକିଲ୍‌ସେଲର କାରଣ, ଚିକିତ୍ସାପଦ୍ଧତି ଏବଂ ନିରାକରଣ ସମ୍ପର୍କରେ ସଚେତନ କରାଯାଇଥିଲା। ରୋଗୀ କଲ୍ୟାଣ ସମିତିର ସଭ୍ୟ, ଏସ୍‌ଏଚ୍‌ଜି ସଦସ୍ୟା, ପଞ୍ଚାୟତ ପ୍ରତିନିଧି, ସ୍ୱାସ୍ଥ୍ୟକେନ୍ଦ୍ରର କର୍ମଚାରୀ ଏବଂ ସ୍ଥାନୀୟ ଅଞ୍ଚଳର କେତେଜଣ ରୋଗୀ ଉପସ୍ଥିତ ଥିଲେ। ଅତିଥିମାନଙ୍କ ଦ୍ୱାରା ରୋଗୀଙ୍କୁ ପରିଚୟପତ୍ର ପ୍ରଦାନ କରାଯାଇଥିଲା। ଭାରତ ସରକାରଙ୍କ ଜାତୀୟ ସିକିଲସେଲ୍ ମିଶନ ଆନୁକୂଲ୍ୟରେ ଏବଂ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ସହଯୋଗରେ ପ୍ରତି ଡାକ୍ତରଖାନାରେ ଏହାର ଆୟୋଜନ କରାଯାଇଥିଲା।

# ଆଠମଲ୍ଲିକ କଲେଜର ନୂତନ ଅଧକ୍ଷ

ଆଠମଲ୍ଲିକ, ୨।୭(ଉଦୀପ୍ତ ପୁରୋହିତ)

ଆଠମଲ୍ଲିକ କଲେଜର ନୂତନ ଅଧକ୍ଷ ଭାବେ ପ୍ରାଣୀ ବିଜ୍ଞାନ ଅଧ୍ୟାପକ ଲକ୍ଷ୍ମୀକାନ୍ତ ମେହେର ଶନିବାର ବିଧିବଦ୍ଧ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଅବସରପ୍ରାପ୍ତ ଅଧକ୍ଷ ଆଦିତ୍ୟ କୁମାର ସାହୁ ତାଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ। ଶିକ୍ଷା, ଶୃଙ୍ଖଳା, କଲେଜର ସାମଗ୍ରିକ ଉନ୍ନତିକୁ ଗୁରୁତ୍ୱ ଦେଇ କାର୍ଯ୍ୟ କରିବେ ବୋଲି ନୂତନ ଅଧକ୍ଷ କହିଛନ୍ତି। ଏହି ଅବସରରେ ଅବସରପ୍ରାପ୍ତ କଲେଜ ଅଧକ୍ଷ ସାହୁଙ୍କ ଉଦ୍ଦେଶ୍ୟରେ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଅଧ୍ୟାପକ ମାନଭଞ୍ଜନ ପାଣିଗ୍ରାହୀ, ଗୋପବନ୍ଧୁ ପ୍ରଧାନ, ବ୍ରଜଗୋପାଳ ମିଶ୍ର, ଗଗନ ମିଶ୍ର, ଅମ୍ବାରୀଶ ଷଡ଼ଙ୍ଗୀ, ଅଧ୍ୟାପିକା ଅର୍ପିତା ଅଞ୍ଜଳି ଗୁରିଆ, ଜ୍ୟୋତିର୍ମୟୀ ମହାପାତ୍ରଙ୍କ ସମେତ ସମସ୍ତ ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ ଉପସ୍ଥିତ ଥିଲେ।



କର୍ମଚାରୀଙ୍କ ଗହଣରେ ନୂତନ ଅଧକ୍ଷ ଲକ୍ଷ୍ମୀକାନ୍ତ ମେହେର ।

# ଚୋରା ମଦ କାରବାର ବୃଦ୍ଧି

ବଇଣ୍ଡା, ୨।୭(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ବ୍ଲକର ବଇଣ୍ଡା ଅଞ୍ଚଳରେ ଚୋରା ମଦ କାରବାର ବଢ଼ିବାରେ ଲାଗିଛି। ଏଥିଲାଗି ଅବକାରୀ ବିଭାଗର କୋହଳ ମନୋଭାବକୁ ଦାୟୀ କରିଛନ୍ତି ସ୍ଥାନୀୟ ବାସିନ୍ଦା। ଅଞ୍ଚଳର ଅଧିକାଂଶ ତେଜରାତି ଦୋକାନ, ପାନ ଦୋକାନରେ ଚୋରା ଦେଶୀ ଓ ବିଦେଶୀ ମଦ ବିକ୍ରି ହେଉଛି। ଅନେକ ସରକାରୀ ଲାଇସେନ୍ସପ୍ରାପ୍ତ ମଦ ଦୋକାନୀ ନିଜର ବ୍ୟବସାୟ ବୃଦ୍ଧି କରିବା ପାଇଁ ବେଆଇନ ଭାବେ ବିଭିନ୍ନ ସ୍ଥାନକୁ ମଦ ଚାଲାଣ କରୁଛନ୍ତି। ଏ ସମ୍ପର୍କରେ ସୂଚନା ଦିଆଯିବା ସତ୍ତ୍ୱେ ବିଭାଗୀୟ ଅଧିକାରୀ ଆଖିବୁଜିଆ ପଦକ୍ଷେପ ନେଉନାହାନ୍ତି। ଜଣେ ମଦ ବ୍ୟବସାୟୀ ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି, ମଦ ମାଫିଆମାନେ ଅବକାରୀ ଓ ପୋଲିସ ବିଭାଗର କେତେଜଣ ନିର୍ଦ୍ଦିଷ୍ଟ କର୍ମଚାରୀଙ୍କୁ ମାସିକ ହାତଗୁଞ୍ଜା ଦେଇ ନିର୍ଭୟରେ ମଦ କାରବାର ଜାରି ରଖିଛନ୍ତି। ମଦ ବୋତଲ ପିଛା ୪୦ରୁ ୫୦ ଟଙ୍କା ଲାଭ ହେଉଥିବାରୁ ସେମାନେ ଏଭଳି ଲାଭଦାୟକ ବ୍ୟବସାୟକୁ ଛାଡ଼ି ପାରୁନାହାନ୍ତି। ଅବକାରୀ ବିଭାଗ ଲୋକ ଦେଖାଣିଆ ଭାବେ ୫–୧୦ ଲିଟର ମଦ ଜବତ କରି ବାହାବା ନେବାକୁ ଉଦ୍ୟମ କରୁଥିବାବେଳେ ବଡ଼ ମାଫିଆଙ୍କ ବିରୋଧରେ ପାଟି ଖୋଲୁ ନ ଥିବା ଅଭିଯୋଗ ହେଉଛି। ଅନ୍ୟପଟେ ଗ୍ରାମାଞ୍ଚଳରେ ଏଭଳି ଅବାଧ ନିଶା କାରବାର ଯୁବପିଢ଼ିଙ୍କୁ ଅବାଟରେ ନେଉଛି। ସହଜ, ସୁବିଧାରେ ମଦ ମିଳିଯାଉଥିବାରୁ ସେମାନେ ନିଶା କବଳରେ ପଡ଼ି ଆପରାଧିକ କାର୍ଯ୍ୟକଳାପରେ ସମ୍ପୃକ୍ତ ହେଉଛନ୍ତି। ଏଥିପ୍ରତି ଏସ୍‌ପି, ଅବକାରୀ ବିଭାଗ ସୁପରିଟେଣ୍ଡେଣ୍ଟ ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ଦାବି କରିଛନ୍ତି। ଏ ନେଇ ଆଠମଲ୍ଲିକ ଅବକାରୀ ବିଭାଗ ଉପନିରୀକ୍ଷକ ଧରଣୀଧର ପ୍ରହରାଜ କୁହନ୍ତି, ଚୋରା ମଦ କାରବାର ରୋକିବା ଲାଗି ବିଭାଗ ପକ୍ଷରୁ ପଦକ୍ଷେପ ନିଆଯିବ।

# ନିତାଇଗୌର ଆଶ୍ରମରେ ଆଧ୍ୟାତ୍ମିକ ପରିବେଶ



ଭକ୍ତମାନେ ତୁଳସୀ ଅର୍ପଣ କରୁଛନ୍ତି।

କଣିହାଁ, ୨।୭(ସଚ୍ଚିଦାନନ୍ଦ ପ୍ରଧାନ)

କଣିହାଁ ବ୍ଲକ ଗହମସ୍ଥିତ ନିତାଇ ଗୌର ଆଶ୍ରମରେ ପ୍ରଭୁ ଗୋପାଳଦେବଙ୍କ ଶ୍ରୀଚରଣରେ ରବିବାର ୨ ଲକ୍ଷ ୧୦ ହଜାର ତୁଳସୀ ଅର୍ପଣ କରାଯାଇଛି। ଏଥିସହ ଗୋପାଳ ସହସ୍ରନାମ ପାରାୟଣ ଅନୁଷ୍ଠିତ ହୋଇଯାଇଛି। ଏହାକୁ ନେଇ ଆଶ୍ରମ ପରିସରରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି।

ଆଶ୍ରମ ପରିଚାଳକ ବାବାଜୀ ପ୍ରଭୁପାଦ ଦାସଙ୍କ ତତ୍ତ୍ୱାବଧାନରେ ସକାଳୁ ନାମସଂକୀର୍ତ୍ତନ, ସୂର୍ଯ୍ୟପୂଜା, ବାଲଭୋଗ ସମେତ ଅନ୍ୟାନ୍ୟ ନୀତି ଅନୁଷ୍ଠିତ ହୋଇଥିଲା। ପୂର୍ବାହ୍ନ ୮ଟାରୁ ତୁଳସୀ ଅର୍ପଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ୧୦୮ ଭକ୍ତ ମନ୍ତ୍ରଜପ ମାଧମରେ ପ୍ରଭୁ ଗୋପାଳଦେବଙ୍କ ଚରଣରେ ତୁଳସୀ ଅର୍ପଣ କରିଥିଲେ। ମଧ୍ୟାହ୍ନରେ ସାମୂହିକ ପ୍ରସାଦସେବନରେ ବହୁସଂଖ୍ୟାରେ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ। ଏମ୍‌ପି ମହେଶ ସାହୁ, ଭାଜପା ନେତା ଅଶୋକ କୁମାର ମହାନ୍ତି, ପୂର୍ବତନ ଜିଲା ପରିଷଦ ସଦସ୍ୟା ଅନୀମାରାଣୀ ପ୍ରଧାନ ପ୍ରମୁଖ ଯୋଗଦେଇ ବିଭୁକୃପା ଲାଭ କରିଥିଲେ।

# ସହରରେ ବୁଲିଲା ଖଣ୍ଡା, ବର୍ତ୍ତିଲେ ଦୋକାନୀ

ଅନୁଗୋଳ, ୨।୭(ଅମିତ ସାମଲ)

ଅନୁଗୋଳ ସହର ଡିଆଇସି ଛକରେ ରବିବାର ଅପରାହ୍ନରେ ଜଣେ ନିଶାସକ୍ତ ଯୁବକ ଖଣ୍ଡା ଧରି ଉନ୍ମତ୍ତକାଣ୍ଡ ଘଟାଇଛନ୍ତି। ଖଣ୍ଡା ଚୋଟରେ ଜଣେ ଦୋକାନୀ ଆହତ ହୋଇଛନ୍ତି। ଏ ସଂକ୍ରାନ୍ତରେ ସେ ଥାନାରେ ଅଭିଯୋଗ କରିଛନ୍ତି। ଘଟଣା ଘଟିଥିବା ଅଞ୍ଚଳରେ ଚୋରାରେ ମଦ ବିକ୍ରି ହେଉଛି। ରବିବାର ଉକ୍ତ ଚୋରା ମଦ କାଉଣ୍ଟରରୁ ମଦ୍ୟପାନ କରି ଅଭିଯୁକ୍ତ ଯୁବକ ଡିଆଇସି ଛକକୁ ଆସି ଗାଳିଗୁଲଜ କରିଥିଲେ। ସେଠାରେ ଦୋକାନ କରିଥିବା ଜଣେ ଦୋକାନୀ ଏହାର ପ୍ରତିବାଦ କରିଥିଲେ। ଫଳରେ ନିଶାଗ୍ରସ୍ତ ଯୁବକଜଣକ ଏକ ଖଣ୍ଡାରେ ତାଙ୍କୁ ହତ୍ୟା ଉଦ୍ୟମ କରିଥିଲେ। ଖଣ୍ଡା ଚୋଟରେ ଦୋକାନୀଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ସୃଷ୍ଟି ହୋଇଛି। ଜିଲା ଚିକିତ୍ସାଳୟରେ ଚିକିତ୍ସିତ ହେବାପରେ ସେ ଏ ନେଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ବ୍ୟବସାୟ ପାଇଁ ଦୋକାନ ଦେଇଥିବା ପରିବାର ପକ୍ଷରୁ ଥାନାରେ ନିଶାଡି ଯୁବକଙ୍କ ବିରୋଧରେ ଅନ୍ୟ ଏକ ମାମଲା ରୁଜୁ କରାଯାଇଛି। ତେବେ ଏ ନେଇ ଅନୁଗୋଳ ପୋଲିସ ପକ୍ଷରୁ ସ୍ପଷ୍ଟ ସୂଚନା ଦିଆଯାଇନାହିଁ।

# ଫୁଲଚାଷ ସମ୍ପର୍କିତ ବୈଜ୍ଞାନିକ ସମୀକ୍ଷା

ବଇଣ୍ଡା, ୨।୭(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା ଆଠମଲ୍ଲିକ ଓ କିଶୋରନଗର ବ୍ଲକର ଜଳବାୟୁ ଏବଂ ଉର୍ବର ମୃତ୍ତିକା ଫୁଲଚାଷ ପାଇଁ ବେଶ ଉପଯୋଗୀ। ଏ ଦିଗରେ ଚାଷୀଙ୍କୁ ପ୍ରୋତ୍ସାହିତ କରିବା ଲାଗି ଉଦ୍ୟମ ଆରମ୍ଭ ହୋଇଛି। ରବିବାର ବୈଜ୍ଞାନିକ ଡ. ଚନ୍ଦ୍ରଶେଖର ମହାନ୍ତି ଆଠମଲ୍ଲିକ ବ୍ଲକ ଆମ୍ବସରମୁଣ୍ଡା ଗସ୍ତରେ ଆସି କୃଷିଫାର୍ମ ଜୟରାମ ବାଟିକାରେ ଏହାର ସମୀକ୍ଷା କରିଛନ୍ତି।

ଅଞ୍ଚଳର ଉର୍ବର ମାଟି ଗୋଲାପ, ମଲ୍ଲି, ରଜନୀଗନ୍ଧା, ଗେଣ୍ଡୁ ଫୁଲ ଚାଷ ପାଇଁ ଉପଯୋଗୀ। ବୈଜ୍ଞାନିକ ପ୍ରଣାଳୀରେ ଫୁଲ ଚାଷ କଲେ ଚାଷୀ ଲାଭବାନ ହୋଇପାରିବେ ବୋଲି ବୈଜ୍ଞାନିକ ମହାନ୍ତି ପରାମର୍ଶ ଦେଇଛନ୍ତି। ଏହାପରେ ସେ କିଶୋରନଗର ବ୍ଲକ ଲୁହାମୁଣ୍ଡାସ୍ଥିତ କୃଷକ ମଙ୍ଗଳ ସଂଘ କାର୍ଯ୍ୟାଳୟରେ ଚାଷୀଙ୍କ ସହ ଏ ସଂକ୍ରାନ୍ତରେ ଆଲୋଚନା କରିଥିଲେ। କୃଷକ ମଙ୍ଗଳ ସଂଘର ସଭାପତି ସଞ୍ଜୟ ପ୍ରଧାନ, ସାଧାରଣ ସମ୍ପାଦକ ପ୍ରବୀଣ ସାହୁ, ଅଧ୍ୟାପକ ଜୟକୃଷ୍ଣ ପ୍ରଧାନ, ଚାଷୀ ବିନୋଦ ସାହୁ, ଦୁଃଖୀ ପ୍ରଧାନ, ମାଳତୀ ସାହୁ, ପ୍ରିୟଙ୍କା ସାହୁ, ପ୍ରିୟଙ୍କା ଦେହୁରୀ, କସ୍ତୁରୀ ସାହୁ, ସୁଧୀର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।





କୃଷକ ମଙ୍ଗଳ ସଂଘ କାର୍ଯ୍ୟାଳୟରେ ସମୀକ୍ଷା ଅବସରରେ ବୈଜ୍ଞାନିକ ଡ. ଚନ୍ଦ୍ରଶେଖର ମହାନ୍ତିଙ୍କ ସମେତ ଅନ୍ୟମାନେ।

# ବନୀକରଣ ଅଭିଯାନ 'ପ୍ରେମତରୁ'

ଅନୁଗୋଳ, ୨।୭(ଅମିତ ସାମଲ)

ସତ୍ୟସାଇ ସେବା ସଙ୍ଗଠନ ଆନୁକୂଲ୍ୟରେ ଅନୁଗୋଳ ପୋଲିସ ଟ୍ରେନିଂ କଲେଜ (ପିଟିସି) କ୍ୟାମ୍ପସ ପରିସରରେ ରବିବାରଠାରୁ ଆରମ୍ଭ ହୋଇଛି ବନୀକରଣ ଅଭିଯାନ 'ପ୍ରେମତରୁ'। ମୁଖ୍ୟ ଅତିଥି ଭାବେ ପିଟିସି ପ୍ରିନ୍ସିପାଲ ତଥା ଉତ୍ତର କେନ୍ଦ୍ରାଞ୍ଚଳ ଡିଆଇଜି ବ୍ରିଜେଶ କୁମାର ରାୟ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଗଛ ଲଗାଇବା, ଏହାର ଯତ୍ନନେବା ଓ ସୁରକ୍ଷା ପ୍ରତି ଧ୍ୟାନ ଦେବା ଉଚିତ। ଫଳରେ ସବୁଜିମାମୟ ପରିବେଶ ସୃଷ୍ଟି ହେବ। ଭବିଷ୍ୟତ ପିଢ଼ି ଏହାଦ୍ୱାରା ଲାଭବାନ ହୋଇପାରିବେ ବୋଲି ମୁଖ୍ୟ ଅତିଥି କହିଥିଲେ। ମୁଖ୍ୟବକ୍ତା ଭାବେ ଆଞ୍ଚଳିକ ମୁଖ୍ୟ ବନସଂରକ୍ଷକ ସୁଧାଂଶୁ ଶେଖର ଖୋରା ଉପସ୍ଥିତ ଥିଲେ।

ସତ୍ୟସାଇ ସଙ୍ଗଠନର ରାଜ୍ୟ ସଭାପତି ଡା. ସତ୍ୟସ୍ୱରୂପ ପଟ୍ଟନାୟକ ଯୋଗଦେଇ ପ୍ରେମତରୁ ପ୍ରକଳ୍ପର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଡିଏଫ୍‌ଓ ବିବେକ କୁମାର, ସତ୍ୟସାଇ ସଙ୍ଗଠନର ଜିଲା ସଭାପତି ଦୁର୍ଗାପ୍ରସନ୍ନ ରଥ, ସୁଶାନ୍ତ ପଟ୍ଟନାୟକ, ବିପିନ ବିହାରୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରେମତରୁ ପ୍ରକଳ୍ପର ଜିଲା ସଂଯୋଜକ ଦେବାଶିଷ ପଟ୍ଟନାୟକ ସଭାକାର୍ଯ୍ୟ ପରିଚାଳନା କରିଥିଲେ।





କାର୍ଯ୍ୟକ୍ରମରେ ଡିଆଇଜିଙ୍କ ସମେତ ଅନ୍ୟମାନେ।

# ଫେରାଇଲେଣି ଟଙ୍କା, ଚପାଇ ଦେବାକୁ ଉଦ୍ୟମ

## ମାଟ୍ରିକ୍ ସାର୍ଟିଫିକେଟ ପ୍ରଦାନରେ ଅର୍ଥ ଆଦାୟ ଘଟଣା

ବଇଣ୍ଡା, ୨।୭(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ପାଇକସାହି ରାଧାମାଧବ ଉଚ୍ଚ ବିଦ୍ୟାଳୟରେ ମାଟ୍ରିକ୍ ସାର୍ଟିଫିକେଟ୍ ପ୍ରଦାନ ବେଳେ ଟଙ୍କା ଆଦାୟ ଘଟଣାକୁ ଚପାଇ ଦେବାକୁ ଉଦ୍ୟମ କରାଯାଉଛି। ଜଣେ ଶିକ୍ଷକ ଛାତ୍ରୀଛାତ୍ରଙ୍କୁ ଘରକୁ ଯାଇ ଟଙ୍କା ଫେରସ୍ତ କରିବା ସହ ଘଟଣା ପ୍ରଘଟ ନ କରିବାକୁ ଅନୁରୋଧ କରୁଛନ୍ତି। ଜଣେ ଅଭିଭାବକ ନାମଗୋପନ ରଖିବା ସର୍ତ୍ତରେ ଏ ସମ୍ପର୍କରେ ସୂଚନା ଦେବା ପରେ ସ୍କୁଲ କର୍ତ୍ତୃପକ୍ଷଙ୍କ ଅଡୁଆ ବଢ଼ିଛି।

ସୂଚନାଯୋଗ୍ୟ, ଗତ ସୋମବାର ମାଟ୍ରିକ୍ ପରୀକ୍ଷା ଦେଇଥିବା ଛାତ୍ରୀଛାତ୍ରଙ୍କୁ ସାର୍ଟିଫିକେଟ ବଣ୍ଟନ କରାଯାଇଥିଲା। ଏହି ସମୟରେ ଜଣେ ପିଲା ପିଛା ୨୦୦ ଟଙ୍କା ଲେଖାଏ ଆଦାୟ କରାଯାଇଥିଲା। ଏ ନେଇ କେତେଜଣ ଅଭିଭାବକ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହି ଘଟଣାର ତଦନ୍ତ କରିବାକୁ ଆଠମଲ୍ଲିକ ଅତିରିକ୍ତ ଶିକ୍ଷା ଅଧିକାରୀଙ୍କୁ ଆଠମଲ୍ଲିକ ଉପଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ତେବେ ସ୍କୁଲ କର୍ତ୍ତୃପକ୍ଷ ଘଟଣାକୁ ଚପାଇ ଦେବାକୁ ମସୁଧା କରୁଛନ୍ତି। ଜଣେ ଶିକ୍ଷକ ଛାତ୍ରୀଛାତ୍ରଙ୍କ ଘରକୁ ଯାଇ ମାମଲାକୁ ରଫାଦଫା କରିବାକୁ ଉଦ୍ୟମ ଚଳାଇଛନ୍ତି। ସାର୍ଟିଫିକେଟ ପ୍ରଦାନ ବେଳେ କୌଣସି ଟଙ୍କା ଆଦାୟ ହୋଇ ନ ଥିବା ତଦନ୍ତ ବେଳେ କହିବାକୁ ସେ ଅଭିଭାବକ ଏବଂ ପିଲାଙ୍କୁ ନିବେଦନ କରୁଛନ୍ତି। ଏହା ଜଣାପଡ଼ିବା ପରେ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ସାର୍ଟିଫିକେଟ ବଣ୍ଟନରେ ୨୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଆଦାୟ ହୋଇଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ସେମାନେ ଦାବି କରିଛନ୍ତି।

ଏ ନେଇ ଜିଲା ଶିକ୍ଷାଧିକାରୀ ନିରଞ୍ଜନ ସାହୁ କୁହନ୍ତି, ପାଇକସାହି ରାଧାମାଧବ ଉଚ୍ଚ ବିଦ୍ୟାଳୟରେ ସାର୍ଟିଫିକେଟ ବଣ୍ଟନ ବେଳେ ଟଙ୍କା ଆଦାୟ କରାଯିବା ନେଇ ଅଭିଯୋଗ ଆସିଥିଲା। ଏହାର ତଦନ୍ତ ଚାଲିଛି। ରିପୋର୍ଟ ଆସିବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ।



